ODISHA POLICE
STATE HEADQUARTERS
CUTTACK.

---

## ପ୍ରେସ୍ ନୋଟ୍

**ତା ୧୬.୧୨.୨୦୨୧**

୬୩ତମ ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ବାର୍ଷିକ ସମ୍ମିଳନୀ ଆଜି ଅପରାହ୍ନ ୩ ଘଟିକା ସମୟରେ ରାଜ୍ୟ ପୋଲିସ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି । ତିନିଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀର ପ୍ରଥମ ଦିନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହେଉଥିବା ଉକ୍ତ ସମ୍ମିଳନୀରେ ଡିଜିପି ଶ୍ରୀ ଅଭୟ ତାଙ୍କ ବକ୍ତବ୍ୟରେ ପୋଲିସ୍ ବିଭାଗର ବିଭିନ୍ନ ଉଲ୍ଲେଖନୀୟ ସଫଳତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ ।ପ୍ରଥମ ଦିନର ସମ୍ମିଳନୀରେ  ଜଷ୍ଟିସ୍ ଏସ୍.ମୁରଲୀଧର, ମାନ୍ୟବର ମୁଖ୍ୟ ବିଚାରପତି,ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଭର୍ଚୁଆଲ୍ ମାଧ୍ୟମରେ ଉପସ୍ଥିତ ରହି ପୋଲିସ୍ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ମନୋନୀତ ହୋଇଥିବା ଡିଜିପି ସୁନୀଲ କୁମାର ବଂଶଲ ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ବୈଠକରେ ଉପସ୍ଥିତ ଥିଲେ ।

ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇଥିବା କଥା ସେ ଉଲ୍ଲେଖ କରିଥିବାବେଳେ ସମ୍ପୃକ୍ତ ଅଂଚଳରେ ବିଭିନ୍ନ କ୍ଷେତ୍ରରେ ବହୁ ଉଲ୍ଲେଖନୀୟ ଉନ୍ନତି ହୋଇଛି ବୋଲି ମତବ୍ୟକ୍ତ କରିଥିଲେ ।  ନାର୍କୋଟିକ୍ସ କାରବାର ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ନିଶା କାରବାର କରୁଥିବା ବେପାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି, ସଙ୍ଗଠିତ ଅପରାଧ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ଶାନ୍ତିପୂର୍ଣ୍ଣ ଆଇନ୍ ଏବଂ ଶୃଙ୍ଖଳା, ୨୦୨୧ ମସିହାରେ ବହୁ ସଂଖ୍ୟକ ପୋଲିସ୍ କର୍ମଚାରୀଙ୍କ ସଠିକ୍ ସମୟରେ ପଦୋନ୍ନତି, ୫-ଟି ନିୟମାନୁଯାୟୀ ବିଭିନ୍ନ ପଦକ୍ଷେପ, ପାସ୍‌ପୋର୍ଟ ଯାଂଚ ସମୟ ସୀମା ହ୍ରାସ, ଇଆର୍‌ଏସ୍‌ଏସ୍‌ର ଶୁଭାରମ୍ଭ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍‌ର ଭଲ କାମ, ନିଖୋଜ ପିଲାମାନଙ୍କ ସନ୍ଧାନ, ୱାରେଂଟଗୁଡ଼ିକର

କାର୍ଯ୍ୟକାରିତା, ଅନୁସନ୍ଧାନ ପ୍ରକ୍ରିୟାର ଡିଜିଟାଇଜେସନ୍ ଏବଂ ସିସିଟିଏନ୍‌ଏସ୍‌କୁ ଅପ୍‌ଗ୍ରେଡ୍ କରି ମନିଟରିଂ ଭଳି ଉଲ୍ଲେଖନୀୟ ସଫଳତା ସଂକ୍ରାନ୍ତରେ ଡିଜିପି ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ଡିଜିପି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ରାଜ୍ୟରେ ୧୧ଟି ନୂତନ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପ୍ରତିଷ୍ଠା, କମିଶନରେଟ୍ ପୋଲିସ୍ ଅଂଚଳରେ ୩ଟି ନୂତନ ଥାନା ପ୍ରତିଷ୍ଠା, କଟକ-ଭୁବନେଶ୍ୱର ଡିସିପିଙ୍କ ଅଧୀନରେ ସ୍ୱତନ୍ତ୍ର କ୍ରାଇମ୍ ୟୁନିଟ୍, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଦମନ ନିମନ୍ତେ ସ୍ୱତନ୍ତ୍ର ୱିଙ୍ଗ୍, ଏସ୍‌ଟିଏଫ୍ ଅଧିନରେ ଏସ୍‌ପି ନାର୍କୋଟିକ୍ସ ଓ ଅନ୍ୟ କର୍ମଚାରୀଙ୍କ ନୂତନ ପୋଷ୍ଟ, ନୂତନ ପୋଲିସ୍ କ୍ୱାଟର୍ସ ନିର୍ମାଣ ନିମନ୍ତେ ମଞ୍ଜୁରୀ, ଲାନ୍ସ ନାଏକ ପଦବୀ ରଦ୍ଦ ଓ ହାବିଲଦାର ପଦବୀ ସୃଷ୍ଟି ଏବଂ ମାଓ ପ୍ରଭାବିତ ଅଂଚଳରେ ରାସ୍ତା ଘାଟ ଏବଂ କୋଠାବାଡି ନିର୍ମାଣ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଯୋଗୁଁ ଡିଜିପି ଶ୍ରୀ ଅଭୟ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ ।

ଏହି ଅବସରରେ ଡିଜିପି ଶ୍ରୀ ଅଭୟ ୨୦୨୨ ମସିହା ନିମନ୍ତେ ଓଡ଼ିଶା ପୋଲିସ୍‌ର ସ୍ୱତନ୍ତ୍ର ଯୋଜନା ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ମାଓ କାର୍ଯ୍ୟକଳାପକୁ ମୂଳୋତ୍ପାଟନ, ରାଜ୍ୟରେ ଶାନ୍ତି, ଆଇନ୍ ଓ ଶୃଙ୍ଖଳାର ବଜାୟ, ସଙ୍ଗଠିତ ଅପରାଧର ନିୟନ୍ତ୍ରଣ, ନାର୍କୋଟିକ୍ସ କାରବାରର ମୁକାବିଲା, ଚୋରା ବେପାରୀଙ୍କ ସମ୍ପତି ଜବତ, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧକୁ ଦୃଢ ହସ୍ତରେ ଦମନ, ବୈଜ୍ଞାନିକ ପ୍ରମାଣ ବ୍ୟବହାର ବୃଦ୍ଧି, ଦୋଷୀ ସଂଖ୍ୟାରେ ଉନ୍ନତି ଏବଂ ପ୍ରତ୍ୟେକ ଜିଲ୍ଲାରେ ଡିଏଫ୍‌ଏସ୍‌ଏଲ୍‌ର ଅପରେସନ୍ ସମ୍ପର୍କରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

୧) ଉଦ୍‌ଘାଟନୀ କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ରାଜ୍ୟର ଆଇନ୍ ଏବଂ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏଥିରେ ନିର୍ଦ୍ଦେଶକ ଗୁଇନ୍ଦା ବିଭାଗ, ଅତିରିକ୍ତ ଡିଜିପି(ଆଇନ୍ ଏବଂ ଶୃଙ୍ଖଳା), କଟକ-ଭୁବନେଶ୍ୱର ପୋଲିସ୍ କମିଶନର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆଇନ୍-ଶୃଙ୍ଖଳା ସ୍ଥିତିକୁ ସମୀକ୍ଷା କରିଥିଲେ ।

୨) ପରେ ବାମପନ୍ଥୀ ସନ୍ତ୍ରାସବାଦ୍ କାର୍ଯ୍ୟକଳାପ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏଥିରେ ଗୁଇନ୍ଦା ନିର୍ଦ୍ଦେଶକ, ଆଇ.ଜି. (ଅପରେସନ୍), ଡିଆଇଜି(ଏସ୍‌ଆଇଡବ୍ଲ୍ୟୁ),ଡିଆଇଜିପି (ଏସ୍‌ବିପି), ଏସ୍‌ପି କଳାହାଣ୍ଡି, ଏସ୍‌ପି ମାଲକାନଗିରି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

୩) ଏହାପରେ ଅତିରିକ୍ତ ଡିଜିପି କ୍ରାଇମ୍‌ବ୍ରାଂଚଙ୍କ ଦ୍ୱାରା ରାଜ୍ୟରେ ଅପରାଧ ଏବଂ ତଦନ୍ତ ସ୍ଥିତି ସଂକ୍ରାନ୍ତରେ ସମୀକ୍ଷା କରାଯାଇଥିଲା । ଡିସିପି କଟକ, ଏସ୍‌ପି ରାଉରକେଲା, ଏସ୍‌ପି ସୁନ୍ଦରଗଡ଼, ଏସ୍‌ପି ଅନୁଗୁଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

୪) ଏହାପରେ ସିସିଟିଏନ୍‌ଏସ୍‌ର ପରବର୍ତ୍ତୀ ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ନିର୍ଦ୍ଦେଶକ, ଏସ୍‌ସିଆର୍‌ବି, ଏସ୍‌ପି ଯାଜପୁର, ଏସ୍‌ପି ଭଦ୍ରକ, ଏସ୍‌ପି ବରଗଡ଼ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

୫) ଏହାପରେ ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ସବିଶେଷ ଆଲୋଚନା ହୋଇଥିଲା । ଡିଜିପି ଶ୍ରୀ ଅଭୟ, ଡିଆଇଜି ଏସ୍‌ଟିଏଫ୍, ଏସ୍‌ପି କୋରାପୁଟ, ଏସ୍‌ପି କନ୍ଧମାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ରାଜ୍ୟ ପୋଲିସ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରୁ ଡଃ ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଡିଜିପି(ରେଳବାଇ), ସଞ୍ଜୀବ ପଣ୍ଡା, ଅତିରିକ୍ତ ଡିଜିପି( କ୍ରାଇମ୍‌ବ୍ରାଂଚ),ଆର୍.କେ. ଶର୍ମା, ଅତିରିକ୍ତ ଡିଜିପି( ଆଇନ୍ ଓ ଶୃଙ୍ଖଳା) ଅମିତାଭ ଠାକୁର, ଆଇଜି(ଅପରେସନ୍), ଏସ୍.ପ୍ରବୀଣ କୁମାର,ଆଇଜି(ପର୍ସୋନେଲ), ନରସିଂହ ଭୋଳ, ଆଇଜି( କେନ୍ଦ୍ରାଂଚଳ) ପ୍ରମୁଖ ଉପସ୍ଥିତ ଥିଲେ ।

Jayant
16/11/21
PRO